# ଦ୍ୱିତୀୟ ପର୍ଯ୍ୟାୟ ଇଭିଏମ ଓ ଭିଭିପାଟ ତାଲିମ ଅନୁଷ୍ଠିତ

ଢେଙ୍କାନାଳ,ତା ୦୭/୦୧/୨୦୧୯ରିଖ :- ଢେଙ୍କାନାଳ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଶ୍ରୀ ନିଖିଲ୍ ପବନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଆଜି ମଧ୍ୟାହ୍ନରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲ୍ଲାର ଦ୍ୱିତୀୟ ପର୍ଯ୍ୟାୟ ଇଭିଏମ୍ ଓ ଭିଭିପାଟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ କଲ୍ୟାଣ ଇଭିଏମ ଓ ଭିଭିପାଟ ତାଲିମ ସଂପର୍କରେ ସମ୍ୟକ ଆଲୋକପାତ କରିଥିଲେ । ଏହାପରେ ସଦର ସହିତ ଶ୍ରୀ ସରୋଜ କୁମାର ଦତ୍ତ ଇଭିଏମ ଓ ଭିଭିପାଟ ଏବଂ କଣ୍ଟ୍ରୋଲ ୟୁନିଟ ମେସିନ ପ୍ରଦର୍ଶନ କରାଇବା ସହ ଗଣମାଧ୍ୟମର ଜିଲ୍ଲା ପ୍ରତିନିଧିମାନଙ୍କୁ ଭୋଟଦାନ ମାଧ୍ୟମରେ ସେହି କାର୍ଯ୍ୟକ୍ରମ ପ୍ରଦର୍ଶନ କରାଇଥିଲେ । ଭୋଟଦାନ ସମୟରେ କିପରି ଜଣେ ଭୋଟର ତାଙ୍କର ଭୋଟଦାନ ଠିକ ପ୍ରାର୍ଥୀଙ୍କୁ ଦେଲେ ବୋଲି ଜାଣିପାରିବ, ତାହା ଭିଭିପାଟ ମେସିନରେ ଉପସ୍ଥାପିତ ହୋଇଥିଲା । ଏପରିକି ଭୋଟ ଗଣତି ସମୟରେ ଭୋଟଦାତା ତାଙ୍କ ଭୋଟଦାନ ନମ୍ବର ଜାଣିବାରେ କିଛି ଅସୁବିଧା ନଥିବା ସହିତ ଶ୍ରୀ ଦତ୍ତ ପ୍ରକାଶ କରିଥିଲେ । ସମୁଦାୟ ୨୨ ଜଣ ଗଣମାଧ୍ୟମ ପ୍ରତିନିଧି ଏହି ମେସିନ ମାଧ୍ୟମରେ ଭୋଟଦାନ କରି ସେମାନଙ୍କର ଠିକ ଭୋଟଦାନ ସଂପର୍କରେ ଅବଗତ ହୋଇଥିଲେ । ଆସନ୍ତା ଜାନୁୟାରୀ ୭ ତାରିଖ ସୋମବାରଠାରୁ ଜିଲ୍ଲାର ସମସ୍ତ ଗ୍ରାମପଞ୍ଚାୟତରେ ଏହି ମେସିନଗୁଡ଼ିକ ପ୍ରଦର୍ଶନ କରାଯାଇ ସାଧାରଣ ଭୋଟରଙ୍କୁ ଭୋଟଦାନ ସଂପର୍କରେ ସଚେତନତା ସୃଷ୍ଟି କରାଯିବ । ଏହି ସଚେତନତା କାର୍ଯ୍ୟପାଇଁ ବିଭିନ୍ନ ଉପଖଣ୍ଡ ଓ ବ୍ଲକମାନଙ୍କରେ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି ।

ଏହି ଦ୍ୱିତୀୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରା, ସଦର ଉପଜିଲ୍ଲାପାଳ ଶ୍ରୀ ପିତାମ୍ବର ସାମଲ, କାମାକ୍ଷାନଗର ଉପଜିଲ୍ଲାପାଳ ଶ୍ରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ହେମନ୍ତ କୁମାର ନାୟକ, ଜିଲ୍ଲା ସ୍ତରୀୟ ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସହକାରୀ ଜିଲ୍ଲାପାଳ (ନିର୍ବାଚନ) ଶ୍ରୀ ଭଜାନନ୍ଦ ସାହୁ ଓ ଜିଲ୍ଲାର ସମସ୍ତ ତାଲିମପ୍ରାପ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ତାଲିମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

ହେମନ୍ତ କୁମାର ନାୟକ